# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅଖିଳ ଭାରତୀୟ ସଂସ୍କୃତିଜ୍ଞାନ ପରୀକ୍ଷା : ୨୦୨୪-୨୫

### ଯୁଗାବ୍ଦ - ୫୧୨୬

### (ପ୍ରବେଶିକା)

ପ୍ରାପ୍ତାଙ୍କ :

ସମୟ : ୧ ଘଣ୍ଟା

ପୂର୍ଣ୍ଣସଂଖ୍ୟା : ୧୦୦

ପରୀକ୍ଷାର୍ଥୀ/ପରୀକ୍ଷାର୍ଥିନୀଙ୍କ ନାମ : ____________________

ବିଦ୍ୟାଳୟର ନାମ : ____________________

ପରୀକ୍ଷା କେନ୍ଦ୍ରର ନାମ : ____________________

କକ୍ଷ ପର୍ଯ୍ୟବେକ୍ଷକଙ୍କ ସ୍ୱାକ୍ଷର ____________________

---

***ସମସ୍ତ ପ୍ରଶ୍ନର ଉତ୍ତର ଦିଅ । ନିର୍ଦ୍ଦେଶାନୁସାରେ ଉତ୍ତରକୁ ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ ।***

ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ୨ x ୨୦ = ୪୦

୧. ଅଖଣ୍ଡ ଭାରତର ବିଶାଳତମ ନଦୀ କିଏ ?
(ଗଙ୍ଗା, ଗୋଦାବରୀ, ବ୍ରହ୍ମପୁତ୍ର, ଯମୁନା) ଉ :- ____________________

୨. ସୋମନାଥ ମନ୍ଦିର କେଉଁ ରାଜ୍ୟରେ ଅବସ୍ଥିତ ?
(ରାଜସ୍ଥାନ, ଗୁଜୁରାଟ, ମହାରାଷ୍ଟ୍ର, ହରିଆଣା) ଉ :- ____________________

୩. ବଜ୍ର ତିଆରି କରିବା ପାଇଁ କିଏ ନିଜର ଅସ୍ଥିଦାନ କରିଥିଲେ ?
(ମହର୍ଷି ବିଶ୍ୱାମିତ୍ର, ମହର୍ଷି ବଶିଷ୍ଠ, ମହର୍ଷି ଦଧୀଚି, ମହର୍ଷି ବାଲ୍ମୀକି)
ଉ :- ____________________

୪. ଅଶୋକଚକ୍ରରେ କେତୋଟି ଅର ଥାଏ ?
(୧୬, ୨୦, ୨୪, ୨୮) ଉ :- ____________________

୫. ଭାଦ୍ରବ ଶୁକ୍ଳ ଚତୁର୍ଥୀରେ ଆମେ କେଉଁ ପର୍ବ ପାଳନ କରୁ ?
(ଗଣେଶପୂଜା, ନାଗଲ ଚତୁର୍ଥୀ, ଭାଗବତ ଜନ୍ମ, ଗୀତା ଜୟନ୍ତୀ)
ଉ :- ____________________

୬. ଧନଞ୍ଜୟ (ଅର୍ଜୁନ) କେଉଁ ଶଙ୍ଖ ବଜାଉଥିଲେ ?
(ପାଞ୍ଚଜନ୍ୟ, ଦେବଦତ୍ତ, ପୌଣ୍ଡ୍ରକ, ମଣିପୁଷ୍ପକ) ଉ :- ____________________

୭. ଥାଇଲାଣ୍ଡର ପ୍ରାଚୀନ ନାମ କ'ଣ ?
(ଚମ୍ପା ଦେଶ, ମଳୟ ଦ୍ୱୀପ, ଶ୍ୟାମ ଦେଶ, କମ୍ବୁଜ ଦେଶ) ଉ :- ____________________



https://ssvmkalamachhuin.in/question-bank-2024-25/

୮. ମହେନ୍ଦ୍ର ପର୍ବତ ଭାରତର କେଉଁ ରାଜ୍ୟରେ ଅବସ୍ଥିତ ?

(ତାମିଲନାଡୁ, କର୍ଣ୍ଣାଟକ, କେରଳ, ଓଡ଼ିଶା) ଉ :- ____________

୯. ଭକ୍ତ ପ୍ରହ୍ଲାଦଙ୍କ ମାତାଙ୍କ ନାମ କ'ଣ ?

(କୟାଧୁ, ସୁନୀତି, ଆର୍ଯ୍ୟମ୍ନା, ଚନ୍ଦ୍ରାଦେବୀ) ଉ :- ____________

୧୦. ରାମକୃଷ୍ଣ ପରମହଂସଙ୍କର ପିଲାବେଳର ନାମ କ'ଣ ଥିଲା ?

(ତୀର୍ଥରାମ, ଗଦାଧର, ରାମଚନ୍ଦ୍ର, ସିଦ୍ଧାର୍ଥ) ଉ :- ____________

୧୧. କେଉଁ ମାସର ପୂର୍ଣ୍ଣିମାକୁ ଗହ୍ମାପୂର୍ଣ୍ଣିମା କୁହାଯାଏ ?

(ବୈଶାଖ, ଜ୍ୟେଷ୍ଠ, ଆଷାଢ଼, ଶ୍ରାବଣ) ଉ :- ____________

୧୨. କାମାକ୍ଷାଦେବୀ ମନ୍ଦିର କେଉଁ ରାଜ୍ୟରେ ଅବସ୍ଥିତ ?

(ଉତ୍ତରାଖଣ୍ଡ, ଆସାମ, ଉତ୍ତରପ୍ରଦେଶ, ମଣିପୁର) ଉ :- ____________

୧୩. ଶ୍ରୀରାମଙ୍କ ପବିତ୍ର ପାଦସ୍ପର୍ଶରେ କିଏ ପ୍ରକଟ ହୋଇଥିଲେ ?

(କୁବ୍ଜା, ଅହଲ୍ୟା, ଅରୁନ୍ଧତୀ, ତାରା) ଉ :- ____________

୧୪. ଗୀତାରେ କାହାକୁ ସବୁଠାରୁ ପବିତ୍ର ବୋଲି କୁହାଯାଇଛି ?

(ଜ୍ଞାନ, ଧର୍ମ, ତ୍ୟାଗ, ଭକ୍ତି) ଉ :- ____________

୧୫. ମହାକାଳେଶ୍ୱର ଜ୍ୟୋତିର୍ଲିଙ୍ଗ କେଉଁ ରାଜ୍ୟରେ ଅଛି ? ଉ :- ____________

(ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଗୁଜୁରାଟ, ଓଡ଼ିଶା)

୧୬. କେଉଁ ନଦୀକୁ ସୂର୍ଯ୍ୟପୁତ୍ରୀ କୁହାଯାଏ ?

(ଗଙ୍ଗା, ଯମୁନା, ସରସ୍ୱତୀ, ନର୍ମଦା) ଉ :- ____________

୧୭. ଭାରତୀୟ ନୂଆବର୍ଷ କେବେଠାରୁ ପ୍ରାରମ୍ଭ ହୋଇଥାଏ ?

(ବିଜୟା ଦଶମୀ, ଗୁରୁପୂର୍ଣ୍ଣିମା, ଚୈତ୍ର ଶୁକ୍ଳ ପ୍ରତିପଦା, ଆଷାଢ଼ ଶୁକ୍ଳ ଦ୍ୱିତୀୟା)

ଉ :- ____________

୧୮. ନାମକରଣ ସଂସ୍କାର ଷୋହଳ ସଂସ୍କାରର କେତେତମ ସଂସ୍କାର ?

(ଚତୁର୍ଥ, ପଞ୍ଚମ, ଷଷ୍ଠ, ସପ୍ତମ) ଉ :- ____________

୧୯. ଭାରତୀୟ କାଳଗଣନା ଅନୁସାରେ ୧ ଘଡ଼ି କେତେ ମିନିଟ୍ ?

(୨୦, ୨୪, ୩୦, ୩୨) ଉ :- ____________

୨୦. କୃତିବାସ ରାମାୟଣ କେଉଁ ଭାଷାରେ ରଚିତ ହୋଇଅଛି ?

(ତାମିଲ, ତେଲୁଗୁ, ବଙ୍ଗଳା, କନ୍ନଡ଼) ଉ :- ____________



https://ssvmkalamachhuin.in/question-bank-2024-25/

୨୧. ଶୂନ୍ୟସ୍ଥାନ ପୂରଣ କର । ୨ × ୫ = ୧୦

(କ) ନୃସିଂହ ଭଗବାନ ଯାହାଙ୍କୁ ହିରଣ୍ୟକଶିପୁର ଅତ୍ୟାଚାରରୁ ରକ୍ଷା କରିଥିଲେ ସେ ଭକ୍ତ ବାଳକ ________________ ଥିଲେ ।

(ଖ) ଶ୍ରୀନାଥଜୀ ଯାହାଙ୍କ ସରଳ ହୃଦୟର ଡ଼ାକ ଶୁଣି ଯାହାଙ୍କ ସହିତ ଖେଳିବାକୁ ଚାଲି ଆସିଥିଲେ ସେ ଭକ୍ତବାଳକ ________________ ଥିଲା ।

(ଗ) ଷୋହଳ ବର୍ଷର ବୀର ବାଳକ ________________ଙ୍କ ସମ୍ମୁଖରେ କୌରବମାନେ ତିଷ୍ଠି ପାରି ନ ଥିଲେ । ଶେଷରେ ଅଧର୍ମ ଯୁଦ୍ଧ କରି ତାଙ୍କୁ ହତ୍ୟା କରିଥିଲେ ।

(ଘ) ଏକାନ୍ତ ଭକ୍ତିଭାବ ହେତୁ ନିଜ ଆରାଧ୍ୟ ଦେବତାଙ୍କୁ ଚାଖି ଚାଖି ମିଠା ଫଳ ଖୁଆଉଥିବା ମହିଳା ________________ ଥିଲେ ।

(ଙ) ଶୁଲ୍ବ ସୂତ୍ରର ରଚୟିତା ________________ ଥିଲେ ।

୨୨. ଗୋଟିଏ ଶବ୍ଦରେ ଉତ୍ତର ଦିଅ । ୨ × ୫ = ୧୦

(କ) କେଉଁ ସୂର୍ଯ୍ୟବଂଶୀ ରାଜାଙ୍କ ପ୍ରୟାସରେ ଭାରତଭୂମିରେ ଗଙ୍ଗା ଅବତରଣ କରିଥିଲେ ?

ଉ :- ________________

(ଖ) ଚନ୍ଦନର ସଘନ ବନ ଥିବା ପର୍ବତର ନାମ କ'ଣ ?

ଉ :- ________________

(ଗ) କେଉଁ ପର୍ବତ ସଂସ୍କୃତ ନାମ ପାରିଜାତ୍ର ? ଉ :- ________________

(ଘ) ନର୍ମଦା ନଦୀର ଉଦ୍‌ଗମ ସ୍ଥଳ କେଉଁଠି ? ଉ :- ________________

(ଙ) ନାରାୟଣ ଭଗବାନ ଗଙ୍ଗୋତ୍ରୀରୁ ପବିତ୍ର ଜଳ ଆଣି କେଉଁ କୁଣ୍ଡର ନିର୍ମାଣ କରିଥିଲେ ?

ଉ :- ________________

୨୩. ଉପଯୁକ୍ତ ସମ୍ପର୍କ ଦେଖି ସ୍ତମ୍ଭ ମିଳନ କର । ୨ × ୫ = ୧୦

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ | ଉ:- 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|---|---|
| ଦୟାନନ୍ଦ ସରସ୍ୱତୀ | ନିମାଇଁ | ଦୟାନନ୍ଦ ସରସ୍ୱତୀ | ________________ |
| ତୁଳସୀଦାସ | ରତ୍ନାକର | ତୁଳସୀଦାସ | ________________ |
| ବାଲ୍ମୀକି | ମୁଳଶଙ୍କର | ବାଲ୍ମୀକି | ________________ |
| ଭଗତ ସିଂ | ଭାଗ୍ୟବାନ | ଭଗତ ସିଂ | ________________ |
| ଚୈତନ୍ୟ ମହାପ୍ରଭୁ | ରାମବୋଲା | ଚୈତନ୍ୟ ମହାପ୍ରଭୁ | ________________ |
| | ଗଦାଧର | | |



https://ssvmkalamachhuin.in/question-bank-2024-25/

୨୪. ବାମ ପାର୍ଶ୍ୱର ସମ୍ପର୍କ ଦେଖି ଦକ୍ଷିଣପାର୍ଶ୍ୱ ପୂରଣ କର । ୨ × ୫ = ୧୦

(କ) କୁମାରୀଲ ଭଟ୍ଟ : ମଣ୍ଡନ ମିଶ୍ର :: ଗୋବିନ୍ଦ ଭଗବତ୍ ପାଦ: ____________

(ଖ) ସୁଶ୍ରୁତ : ଶଲ୍ୟ ଚିକିତ୍ସକ :: ଭରଦ୍ୱାଜ : ____________

(ଗ) ଷ୍ଟେଥୋସ୍କୋପ୍ : ହୃଦୟର ସ୍ପନ୍ଦନ :: ଲାକ୍ଟୋମିଟର : ____________

(ଘ) ଗୋଦାନ : ପ୍ରେମଚାନ୍ଦ :: କାଦମ୍ବରୀ : ____________

(ଙ) ଜୟ ପ୍ରକାଶ ନାରାୟଣ : ଲୋକନାୟକ :: ସରୋଜିନୀ ନାଇଡୁ : ____________

୨୫. ଏହା କାହାର ଉକ୍ତି ? ୨ × ୫ = ୧୦

(କ) ତୃଷ୍ଣା ହିଁ ସବୁ ଦୁଃଖର ମୂଳ - ଉ :- ____________

(ଖ) ନର ସେବା ନାରାୟଣ ସେବା - ଉ :- ____________

(ଗ) ଯେପରି ମୁଁ ତୁମକୁ ଦେଖୁଛି ସେପରି ମଧ୍ୟ ଭଗବାନଙ୍କୁ ଦେଖୁଛି -

ଉ :- ____________

(ଘ) ମୋର ଅହିଂସା ଭୀରୁତା ଶିଖାଏ ନାହିଁ । ଉ :- ____________

(ଙ) ଇଂରେଜମାନେ ! ତୁମର ରାଜ୍ୟ ପଚାଶ ବର୍ଷ ରହିବ ନାହିଁ ।

ଉ :- ____________

୨୬. ଠିକ୍ ବାକ୍ୟ ପାଖରେ ଠିକ୍ (✓) ଓ ଭୁଲ୍ ବାକ୍ୟ ପାଖରେ (×) ଚିହ୍ନ ଦିଅ । ୨ × ୫ = ୧୦

(କ) ବାସ୍କେଟବଲ ଖେଳର ପ୍ରତ୍ୟେକ ପକ୍ଷ ଖେଳାଳି ସଂଖ୍ୟା ୬ । ( )

(ଖ) ଭାରତର ସବୁଠାରୁ ବଡ଼ ଗ୍ରନ୍ଥ ରାମାୟଣ । ( )

(ଗ) ଜାତୀୟ ହିନ୍ଦୀ ଦିବସ ସେପ୍ଟେମ୍ବର ୧୪ତାରିଖରେ ପାଳନ କରାଯାଏ । ( )

(ଘ) ପ୍ରତିବର୍ଷ ଚିକିତ୍ସା କ୍ଷେତ୍ରରେ କୃତିତ୍ୱ ନିମନ୍ତେ 'ଅର୍ଜୁନ ପୁରସ୍କାର' ଦିଆଯାଏ । ( )

(ଙ) ସ୍ୱାମୀ ଦୟାନନ୍ଦ ଆର୍ଯ୍ୟସମାଜ ପ୍ରତିଷ୍ଠା କରିଥିଲେ । ( )

❖❖❖



https://ssvmkalamachhuin.in/question-bank-2024-25/